# NATIONAL NEWS BULLETIN (ODIA)

## 28th September - 2025

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ସ୍ୱଦେଶୀ ଏବଂ ଖଦୀ ଉତ୍ପାଦ ବ୍ୟବହାର କରିବାକୁ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।
- ଆସନ୍ତାବର୍ଷ ମାର୍ଚ୍ଚ ସୁଦ୍ଧା ଦେଶକୁ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ କରାଯିବ ବୋଲି କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- କରୁର୍ ଦଳାଚକଟା ଘଟଣାର ତଦନ୍ତ ଲାଗି ଜଣିକିଆ କମିଶନ୍ ଗଠିତ ।
- ବିହାର ବିଧାନସଭା ସମେତ ୮ଟି ବିଧାନସଭା ଉପନିର୍ବାଚନ ନିମନ୍ତେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଘୋଷଣା କଲେ ନିର୍ବାଚନ ଆୟୋଗ ।

ଏବଂ

- ଏସିଆ କପ୍ ଟି-ଟ୍ୱେଣ୍ଟି ପ୍ରତିଯୋଗିତାରେ ଟାଇଟଲ୍ ହାସଲ ପାଇଁ ଆଜି ଭାରତ ଓ ପାକିସ୍ତାନ ମଧ୍ୟରେ ହେବ ମୁକାବିଲା ।

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପର୍ବପର୍ବାଣି ପାଳନ ଅବସରରେ ସ୍ୱଦେଶୀ ଉତ୍ପାଦ ବ୍ୟବହାର କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଭୋକାଲ୍ ଫର୍ ଲୋକାଲ୍ ମନ୍ତ୍ରକୁ ଆପଣାଇବାକୁ ସେ ଅନୁରୋଧ କରିଛନ୍ତି । ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପର୍ବପର୍ବାଣି ସହ ଦେଶରେ ଜିଏସଟି ସଂଚୟ ଉତ୍ସବ ମଧ୍ୟ ପାଳନ କରାଯାଉଛି । ସ୍ୱଦେଶୀ ଉତ୍ପାଦ ବ୍ୟବହାର ଦ୍ୱାରା ଜଣେ କାରିଗରର କଠିନ ପରିଶ୍ରମକୁ ସମ୍ମାନ ମିଳିବ ଏବଂ ଯୁବ ଉଦ୍ୟୋଗୀଙ୍କ ସ୍ୱପ୍ନ ସାକାର ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସ୍ୱଚ୍ଛତା ଉପରେ ଗୁରୁତ୍ୱ ଆରୋପ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କେବଳ ଘର ପରିବେଶ ମଧ୍ୟରେ ଏହାକୁ ସୀମିତ ନ ରଖି ସାର୍ବଜନୀନ ଅଞ୍ଚଳ, ବଜାର ଏବଂ ଗ୍ରାମ ପର୍ଯ୍ୟନ୍ତ ଏହାକୁ ବ୍ୟାପକ କରାଯିବା ଉଚିତ। ପ୍ରଧାନମନ୍ତ୍ରୀ କହିଛନ୍ତି, ନବରାତ୍ରୀ ପାଳନ ଅବସରରେ ଲୋକମାନେ ଶକ୍ତିପୂଜା କରନ୍ତି । ଏହି ଅବସରରେ ସେ ମହିଳା ସଶକ୍ତୀକରଣ ଉପରେ ଆଲୋକପାତ କରିଛନ୍ତି । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ମହିଳାଙ୍କର ସେ ଉଦାହରଣ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆସନ୍ତା ମାସ ୨ ତାରିଖ ହେଉଛି ଗାନ୍ଧି ଜୟନ୍ତୀ । ଜାତିର ପିତା ମହାତ୍ମାଗାନ୍ଧି ସବୁବେଳେ ସ୍ୱଦେଶୀ ସାମଗ୍ରୀ ଗ୍ରହଣ ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲେ । ଖଦୀ ଉପରେ ସର୍ବାଧିକ ପ୍ରାଥମିକତା ଦେଇ ଆସୁଥିଲେ । ଗତ ୧୧ ବର୍ଷ ମଧ୍ୟରେ ଦେଶରେ ଖଦୀ ପ୍ରତି ଆକର୍ଷଣ ଯଥେଷ୍ଟ ବୃଦ୍ଧି ପାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଗାନ୍ଧି ଜୟନ୍ତୀରେ ଖଦୀ ଉତ୍ପାଦ କିଣି ସାମାଜିକ ଗଣମାଧ୍ୟମରେ ହାସ୍ ଟ୍ୟାଗ୍ ଭୋକାଲ୍ ଫର୍ ଲୋକାଲ୍ ସହିତ ଶେୟାର କରିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି ।

***Voice (PM - Khadi)*** :...........

ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ରରେ ଘଟିଥିବା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ନେଇ ପ୍ରଧାନମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି । ପରମ୍ପରା ଏବଂ ନବସୃଜନ ଆଧାରରେ କରାଯାଉଥିବା କାର୍ଯ୍ୟ ସଫଳତା ପ୍ରଦାନ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ହସ୍ତତନ୍ତ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ଭାରତୀୟଙ୍କ ଉଦାହରଣ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଚଳିତବର୍ଷ ଏହି ଦିବସ ପାଳନର ଅନ୍ୟ ଏକ ବିଶେଷତ୍ୱ ହେଉଛି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରତିଷ୍ଠାର ଶହେବର୍ଷ ପୂରଣ । ଏକ ଶତାବ୍ଦୀର ଏହି ଯାତ୍ରା ଯେତିକି ଆଶ୍ଚର୍ଯ୍ୟଜନକ ଏବଂ ଅଭୂତପୂର୍ବ, ସେତିକି ପ୍ରେରଣାଦାୟୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଡକ୍ଟର କେ.ବି. ହେଡ୍‌ଗେୱାର୍ ୧୯୨୫ ମସିହାରେ ବିଜୟା ଦଶମୀ ଦିନ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରତିଷ୍ଠା କରିଥିଲେ । ଦୀପାବଳି ପାଇଁ ସମସ୍ତଙ୍କୁ ଶୁଭେଚ୍ଛା

ଜଣାଇବା ସହ ସ୍ୱଦେଶୀ କିଣି ଆତ୍ମନିର୍ଭରଶୀଳ ଭାରତ ଅଭିଯାପନକୁ ସାକାର କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ଏଚ୍.ଏମ୍. - ନକ୍ସଲ୍ ମୁକ୍ତ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା' ଆସନ୍ତାବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦେଶକୁ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ କରାଯିବ ବୋଲି କହିଛନ୍ତି । ନୂଆଦିଲ୍ଲୀରେ ଆଜି ନକ୍ସଲମୁକ୍ତ ଭାରତର ଉଦ୍‌ଯାପନୀ ଦିବସରେ ଯୋଗଦେଇ ଶ୍ରୀ ଶାହା କହିଛନ୍ତି, ୨୦୧୪ ମସିହାରେ ନରେନ୍ଦ୍ର ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ଭାରତ ୩ଟି ପ୍ରମୁଖ ଆଭ୍ୟନ୍ତରୀଣ ସୁରକ୍ଷା କେନ୍ଦ୍ରର ସମ୍ମୁଖୀନ ହୋଇଥିଲା । ସେଗୁଡ଼ିକ ହେଲା - ଜମ୍ମୁ-କାଶ୍ମୀର, ଉତ୍ତର-ପୂର୍ବାଞ୍ଚଳ ଏବଂ ବାମପନ୍ଥୀ ନକ୍ସଲବାଦ କରିଡର । ଏହିସବୁ ସ୍ଥାନରେ ଜାତୀୟ ସୁରକ୍ଷା ପ୍ରଭାବିତ ହେବା ସହ ବିଭିନ୍ନ ହିଂସାତ୍ମକ ଘଟଣା ଘଟୁଥିଲା । ସେ କହିଛନ୍ତି, ଏହିସବୁ ଆହ୍ୱାନର ମୁକାବିଲା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଦୀର୍ଘସ୍ଥାୟୀ ରଣନୀତି ଗ୍ରହଣ କରାଯାଇଛି । ୨୦୧୪ ପରେ ନକ୍ସଲବାଦକୁ ନେଇ ନୀତିଗତ ପରିବର୍ତ୍ତନ କରାଯାଇଛି । ଏହି ସମସ୍ୟାର ସମାଧାନପାଇଁ ରାଜ୍ୟ ଏବଂ କେନ୍ଦ୍ରୀୟ ପୁଲିସ୍ ବାହିନୀକୁ ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଛି । ଆତ୍ମସମର୍ପଣର ସଂଖ୍ୟା ପୂର୍ବାପେକ୍ଷା ଦ୍ରୁତଗତିରେ ବୃଦ୍ଧି ପାଉଛି ବୋଲି ଶ୍ରୀ

ଶାହା କହିଛନ୍ତି । ୧୨ଟି ଗୁରୁତ୍ୱପୂର୍ଣ୍ଣ ଶାନ୍ତି ବୁଝାମଣା ପରେ ପ୍ରାୟ ୧୦ ହଜାର ୫୦୦ ଜଣ ନକ୍ସଲବାଦୀ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହୋଇପାରିଛନ୍ତି । ଉତ୍ତର-ପୂର୍ବାଞ୍ଚଳରେ ପୂର୍ବ ଦଶନ୍ଧି ତୁଳନାରେ ୨୦୧୪ରୁ ୨୦୨୪ ମଧ୍ୟରେ ସୁରକ୍ଷା ଯବାନଙ୍କ ମୃତ୍ୟୁସଂଖ୍ୟା ୭୦ ପ୍ରତିଶତ ହ୍ରାସ ପାଇଛି ବୋଲି ଶ୍ରୀ ଶାହା କହିଛନ୍ତି ।

## କରୁର୍ ଷ୍ଟାମ୍ପେଡ୍

ତାମିଲ୍‌ନାଡୁର କରୁର୍‌ଠାରେ ତାମିଲାଗା ଭେଟ୍ରି କାଝାଗାମ୍ (ଟି.ଭି.କେ.) ପକ୍ଷରୁ ଆୟୋଜିତ ରାଜନୈତିକ ର୍‍ୟାଲିରେ ହୋଇଥିବା ଦଳାଚକଟା ଘଟଣାର ତଦନ୍ତ ଲାଗି ତାମିଲ୍‌ନାଡୁ ସରକାର' ହାଇକୋର୍ଟ ପୂର୍ବତନ ବିଚାରପତି ଜଷ୍ଟିସ୍ ଅରୁଣା ଜଗଦିଶାନ୍‌ଙ୍କ ନେତୃତ୍ୱରେ ଜଣିକିଆ କମିଶନ ଗଠନ କରାଯାଇଛି । ଏହି ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୩୯ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଭେଷଜ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବିଭିନ୍ନ ଡାକ୍ତରଖାନାରେ ୮୧ ଜଣ ଆହତଙ୍କୁ ଚିକିତ୍ସା କରାଯାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ଦଳାଚକଟାରେ ପ୍ରାଣ ହରାଇଥିବା ଲୋକଙ୍କ ନିକଟ ସଂପର୍କୀୟଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍

ପାଣ୍ଠିରୁ ଏହି ଅର୍ଥ ପ୍ରଦାନ କରାଯିବ । ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଦିଆଯିବାକୁ ମଧ୍ୟ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ।

ତାମିଲନାଡୁ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଆଜି ସକାଳେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଆହତଙ୍କୁ ଡାକ୍ତରଖାନାରେ ଭେଟିଛନ୍ତି । ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି ।

ରାଜ୍ୟ ବି.ଜେ.ପି. ଅଧ୍ୟକ୍ଷ ତଥା ବିଧାୟକ ନାଇନାର୍ ନାଗେନ୍ଦ୍ରନ୍ ଗଣମାଧ୍ୟମକୁ ସୂଚନା ଦେଇ ଘଟଣାର ସୁପ୍ରିମ୍‌କୋର୍ଟଙ୍କଦ୍ୱାରା ତଦନ୍ତ କରାଯିବାପାଇଁ ଦାବି କରିଛନ୍ତି । ଘଟଣାର ନିରପେକ୍ଷ ତଦନ୍ତର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।

ଟି.ଭି.କେ.ର ପ୍ରତିଷ୍ଠାତା ବିଜୟ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପରିବାରକୁ ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ଚେନ୍ନାଇର ପାନାୟୁରଠାରେ ଦଳୀୟ ଅଧିକାରୀମାନଙ୍କ ସହ ରୁଦ୍ଧଦ୍ୱାର ବୈଠକରେ ଏସମ୍ପର୍କରେ ଆଲୋଚନା କରିଛନ୍ତି । ଇତିମଧ୍ୟରେ ଟି.ଭି.କେ. ପକ୍ଷରୁ ମାଡ୍ରାସ୍ ହାଇକୋର୍ଟର ମଦୁରାଇ ଖଣ୍ଡପୀଠ ନିଜ ପକ୍ଷରୁ କରୁର୍ ଦଳାଚକଟା ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ଲାଗି ଅନୁରୋଧ କରାଯାଇଛି । ବିଚାରପତି ଦଣ୍ଡପାଣି’ ଦଳକୁ ଅଦାଲତ ସମ୍ମୁଖରେ ଔପଚାରିକ ମାମଲା ରୁଜୁ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ୍ ଦଣ୍ଡପାଣି ଏବଂ

ଜଷ୍ଟିସ୍ ଜୋତିରମଣଙ୍କଦ୍ୱାରା ଗଠିତ ଖଣ୍ଡପୀଠ ଆସନ୍ତାକାଲି ମାମଲାର ଶୁଣାଣି କରିବାର ସମ୍ଭାବନା ରହିଛି ।

## ଇ.ସି. - ସେଣ୍ଟ୍ରାଲ୍ ଅବ୍‌ଜର୍‌ଭର୍ସ

ବିହାରରେ ଆଗାମୀ ବିଧାନସଭା ନିର୍ବାଚନ ଏବଂ ବିଭିନ୍ନ ରାଜ୍ୟର ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଉପନିର୍ବାଚନ ନିମନ୍ତେ ନିର୍ବାଚନ ଆୟୋଗ’ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତି ନିମନ୍ତେ ଘୋଷଣା କରିଛନ୍ତି । ଏହି ପର୍ଯ୍ୟବେକ୍ଷକଙ୍କ ମଧ୍ୟରେ ସାଧାରଣ, ପୁଲିସ୍ ଏବଂ ବ୍ୟୟ ପର୍ଯ୍ୟବେକ୍ଷକ ରହିବେ । ୪୭୦ ଜଣ ଅଧିକାରୀଙ୍କ ମଧ୍ୟରେ ୩୨୦ ଜଣ ଆଇ.ଏ.ଏସ୍. ଏବଂ ୬୦ ଜଣ ଆଇ.ପି.ଏସ୍. ଅଧିକାରୀ ରହିବେ । ସେମାନେ ରାଜ୍ୟରେ ମୁକ୍ତ, ଅବାଧ ଏବଂ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବା ଲାଗି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରିବେ । ଏହି ପର୍ଯ୍ୟବେକ୍ଷକମାନେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳିରେ ମତଦାନ ପ୍ରକ୍ରିୟାକୁ ଅନୁଧ୍ୟାନ କରିବା ସହ ଆବଶ୍ୟକସ୍ଥଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ସେମାନେ ନିରପେକ୍ଷ ମତଦାନ ପ୍ରକ୍ରିୟା ଅନୁଧ୍ୟାନ କରିବା ସହ ଭୋଟର୍ ସଚେତନତା ଏବଂ ନିର୍ବାଚନ ପ୍ରକ୍ରିୟାରେ ଅଧିକ ସଂଖ୍ୟା ଭୋଟର୍‌ଙ୍କ ଯୋଗଦାନକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବେ । ଜମ୍ମୁ-କାଶ୍ମୀରର ବୁଡ୍‌ଗାମ୍ ଏବଂ ନାଗ୍ରୋଟା

ଆସନ, ରାଜସ୍ଥାନର ଅନ୍ତା, ଝାଡ଼ଖଣ୍ଡର ଘଟଶିଳା, ତେଲଙ୍ଗାନାର ଯୁବିଲି ହିଲ୍ସ, ପଞ୍ଜାବର ତରନ୍ ତରନ୍, ମିଜୋରାମର ଡାମ୍ପା ଏବଂ ଓଡ଼ିଶାର ନୂଆପଡ଼ାଠାରେ ଉପନିର୍ବାଚନ ହେବ ବୋଲି ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଛତିଶଗଡ଼ - ମାଓଇଷ୍ଟ କିଲ୍ଡ୍

ଛତିଶଗଡ଼ର କାଙ୍କେର ଜିଲ୍ଲା ଅନ୍ତର୍ଗତ ତିରିୟାପାଣି ଜଙ୍ଗଲ ଅଞ୍ଚଳରେ ଆଜି ସୁରକ୍ଷା ବାହିନୀ ଯବାନଙ୍କ ସହ ସଂଘର୍ଷରେ ଜଣେ ମହିଳାଙ୍କ ସମେତ ୩ ଜଣ ମାଓବାଦୀ ପ୍ରାଣ ହରାଇଛନ୍ତି । ସେମାନଙ୍କୁ ଧରେଇଦେବା ଲାଗି ମୋଟ୍ ୧୪ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ମୃତ ମାଓବାଦୀମାନଙ୍କ ଶରୀର ଉଦ୍ଧାର କରାଯାଇଛି । ସୁରକ୍ଷା ବାହିନୀ ଯବାନମାନଙ୍କ ପକ୍ଷରୁ ଘଟଣାସ୍ଥଳରୁ ବନ୍ଧୁକ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି । ପୁଲିସ ଅଧୀକ୍ଷକ ଆଇ. କଲ୍ୟାଣ ଏଲେସେଲା କହିଛନ୍ତି, ମାଓବାଦୀଙ୍କ ପକ୍ଷରୁ ସୁରକ୍ଷା ବାହିନୀ ଯବାନମାନଙ୍କ ଉପରକୁ ଗୁଳିଚାଳନା କରାଯିବା ପରେ ପାଲଟା ଆକ୍ରମଣ କରାଯାଇଥିଲା । ଗୁଇନ୍ଦା ବିଭାଗ ପକ୍ଷରୁ ସେହି ଅଞ୍ଚଳରେ ୭ରୁ ୮ ଜଣ ମାଓବାଦୀ ରହିଥିବା ସୂଚନା ମିଳିବା ପରେ ଜିଲ୍ଲା ରିଜର୍ଭ ବାହିନୀ ପକ୍ଷରୁ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା ।

# ଇରାନ୍ - ସାଙ୍କ୍ସନ୍

ଯୁକ୍ତରାଷ୍ଟ୍ର ଆମେରିକା ଇରାନ ବିରୋଧରେ ଅର୍ଥନୈତିକ ଏବଂ ସାମରିକ କଟକଣା ପୁଣି ଲାଗୁ କରିଛି । ୨୦୧୫ ମସିହାରେ ହୋଇଥିବା ଆଣବିକ ଚୁକ୍ତି ଅଧୀନରେ ୧୦ ବର୍ଷ ପୂର୍ବେ ଇରାନ୍ ଉପରୁ ଏହି କଟକଣା ପ୍ରତ୍ୟାହାର କରାଯାଇଥିଲା । ଇରାନ୍ ନିରନ୍ତର ଭାବେ ଆଣବିକ ପରୀକ୍ଷା ଚଳାଇଥିବା ଏବଂ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ସହଯୋଗ କରୁ ନ ଥିବା ଯୋଗୁଁ ବ୍ରିଟେନ୍, ଫ୍ରାନ୍ସ ଏବଂ ଜର୍ମାନୀ ମଧ୍ୟ ଏହି କଟକଣାକୁ ସମର୍ଥନ ଜଣାଇଛନ୍ତି । ଇରାନ୍‌ର ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍ ଏହି କଟକଣାକୁ ଅଯୌକ୍ତିକ ଏବଂ ବେଆଇନ ବୋଲି କହିଛନ୍ତି । ସେ କହିଛନ୍ତି, ଇରାନ୍ ଆଣବିକ ଅସ୍ତ୍ରଶସ୍ତ୍ର ପ୍ରତି ଆଗ୍ରହୀ ନୁହେଁ । ଏହି କଟକଣା ଯୋଗୁଁ ଇରାନ୍ ଅନ୍ୟ ରାଷ୍ଟ୍ରଗୁଡ଼ିକ ସହ ଆଲୋଚନାରୁ କ୍ଷାନ୍ତ ରହିପାରେ । ମିଳିତ କାର୍ଯ୍ୟାନ୍ୱୟନ ଯୋଜନା - ଜେ.ସି.ପି.ଓ.ଏ. ପକ୍ଷରୁ ଇରାନ୍‌ର ଆଣବିକ କାର୍ଯ୍ୟକ୍ରମକୁ ସଙ୍କୁଚିତ କରାଯାଇଛି । ଯୁକ୍ତରାଷ୍ଟ୍ର ଆମେରିକା ୨୦୧୮ ବୁଝାମଣାରୁ ଓହରି ଯିବା ପରେ ଇରାନ୍ ତା'ର ନିୟମର ଉଲ୍ଲଙ୍ଘନ କରିଥିଲା । ନିକଟରେ ଇସ୍ରାଏଲ୍ ଓ ଯୁକ୍ତରାଷ୍ଟ୍ର ଆମେରିକା ପକ୍ଷରୁ ଇରାନ୍ ଉପରେ ଆକ୍ରମଣ କରାଯାଇ ତା'ର ଆଣବିକ ଅସ୍ତ୍ରଶସ୍ତ୍ର କାର୍ଯ୍ୟକଳାପକୁ ମନ୍ଥର କରିବାକୁ ଲକ୍ଷ୍ୟ ରଖାଯାଇଥିଲା ।

## ଏକ୍ସ-ଫ୍ରେଞ୍ଚ ପି.ଏମ୍. - ଜେଲ୍

ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ନିକୋଲାସ ସାର୍କୋଜୀଙ୍କୁ ଦୁର୍ନୀତି ଏବଂ ପ୍ରଭାବିତ କରିବା ଅଭିଯୋଗରେ ୫ ବର୍ଷ କାରାଦଣ୍ଡାଦେଶ ଦିଆଯାଇଛି । ଫ୍ରାନ୍ସ ପୂର୍ବତନ ରାଷ୍ଟ୍ରପତିଙ୍କୁ ଏଭଳି ଜେଲ୍ ଦଣ୍ଡାଦେଶ ପ୍ରଥମ । ୬୮ ବର୍ଷୀୟ ସାର୍କୋଜୀ ଜଣେ ବିଚାରପତିଙ୍କୁ ଲାଞ୍ଚ ଦେଇ ତାଙ୍କଠାରୁ ଗୁପ୍ତ ତଥ୍ୟ ସଂଗ୍ରହ କରିବା ଅଭିଯୋଗରେ ଦଣ୍ଡିତ କରାଯାଇଛି । ସାର୍କୋଜୀ, ତାଙ୍କର ଓକିଲ ଏବଂ ବିଚାରପତିଙ୍କ ମଧ୍ୟରେ ହୋଇଥିବା ଫୋନ୍ ବାର୍ତ୍ତାଳାପର ସମସ୍ତ ତଥ୍ୟ ଅଦାଲତରେ ସରକାରଙ୍କ ପକ୍ଷରୁ ଦାଖଲ କରାଯାଇଥିଲା । ସାର୍କୋଜୀଙ୍କ ପକ୍ଷରୁ ଅଦାଲତର ଏହି ଶୁଣାଣି ବିରୋଧରେ ପୁଣି ଅପିଲ୍ କରିବା ଲାଗି ଘୋଷଣା କରାଯାଇଛି ।

## ଏସିଆ କପ୍ କ୍ରିକେଟ୍

ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍‌ରେ ଆଜି ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ

ରାତି ୮ଟାରେ ଦୁବାଇରେ ଏହି ମ୍ୟାଚ୍ ଖେଳାଯିବ । ଏପର୍ଯ୍ୟନ୍ତ ଭାରତ ୧୧ଟି ଏସିଆ କପ୍ ଫାଇନାଲ୍ ଖେଳି ୮ଟିରେ ବିଜୟ ହାସଲ କରିଛି ।

## ସୁଟିଂ

ଦିଲ୍ଲୀର ଡକ୍ଟର କର୍ଣ୍ଣି ସିଂହ ରେଞ୍ଜ୍ ଷ୍ଟାଡିୟମ୍‌ଠାରେ ଚାଲିଥିବା ଆଇ.ଏସ୍.ଏସ୍.ଏଫ୍. ଜୁନିୟର ୱାର୍ଲ୍ଡ କପ୍‌ର ୫୦ ମିଟର ବନ୍ଧୁକ ଚାଳନା ପ୍ରତିଯୋଗିତାରମହିଳା ବର୍ଗରେ ଭାରତର ଅନୁଷ୍କା ଠୋକୁର ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ଏହି ପ୍ରତିଯୋଗିତାରେ ଠୋକୁରଙ୍କର ଏହା ହେଉଛି ଦ୍ୱିତୀୟ ସ୍ୱର୍ଣ୍ଣପଦକ । ୫୦ ମିଟର ବନ୍ଧୁକ ଚାଳନା ପୁରୁଷ ବର୍ଗରେ ଆଦ୍ରିୟାନ କର୍ମକାର ରୌପ୍ୟ ପଦକ୍ ହାସଲ କରିଛନ୍ତି । ଭାରତ ପଦକ ତାଲିକାରେ ଏପର୍ଯ୍ୟନ୍ତ ୪ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଏବଂ ୩ଟି କାଂସ୍ୟ ପଦକ ହାସଲ କରିଛି ।

## କ୍ରିକେଟ୍ - ବି.ସି.ସି.ଆଇ. ପ୍ରେସିଡେଣ୍ଟ

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ୍ - ବି.ସି.ସି.ଆଇ.ର ନୂତନ ଅଧ୍ୟକ୍ଷ ଭାବେ ଦିଲ୍ଲୀର ପୂର୍ବତନ କ୍ୟାପ୍‌ଟେନ୍ ମିଥୁନ ମାନ୍‌ହାସ୍ ଆଜି ବାର୍ଷିକ ସାଧାରଣ ବୈଠକରେ ନିର୍ବାଚିତ ହୋଇଛନ୍ତି । ଶ୍ରୀ ମାନ୍‌ହାସ୍ ବି.ସି.ସି.ଆଇ.ର

୩୭ତମ ଅଧ୍ୟକ୍ଷ ହୋଇଛନ୍ତି । ରୋଜର ବିନିଙ୍କୁ ୭୦ ବର୍ଷ ହେବା ପରେ ସେ ଗତ ମାସରେ ଏହି ପଦରୁ ବାଦ୍ ପଡ଼ିଥିଲେ ।

*****